# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 04 November – 2025

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡ଼ିକରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ନେଇ ପାଳିତ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ
- ଦେଶର ୯ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଆଜିଠାରୁ ଆରମ୍ଭ ହେବ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ
- ପୁରୀ ଶ୍ରୀମନ୍ଦିରରେ ଲକ୍ଷ୍ମୀ ନୃସିଂହ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ

– କଟକର ଧବଳେଶ୍ୱର ପୀଠରେ ସମ୍ପନ୍ନ ହୋଇଛି ବଡ଼ଓଷା ନୀତି

ଏବଂ

- ପ୍ରାଚୀନ କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ସ୍ମୃତିରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଐତିହାସିକ କଟକ ବାଲିଯାତ୍ରା

HS

# ବନ୍ଦେ ମାତରମ୍

ସ୍ୱାଧୀନତା ଆନ୍ଦୋଳନର ମୂଲ୍ୟବୋଧ ସହ ଯୁବପିଢ଼ି ଓ ଛାତ୍ରଛାତ୍ରୀମାନଙ୍କୁ ଯୋଡ଼ିବା ଲକ୍ଷ୍ୟ ନେଇ ଆସନ୍ତା ଶୁକ୍ରବାର ଦିନ ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯିବ। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି କବିତାଟି ୧୮୯୬ ମସିହାରେ ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋର ପ୍ରଥମଥର ପାଇଁ ଗାଇଥିଲେ । ଏହି ଗୀତଟି ଶତାବ୍ଦୀର ଦାସତ୍ୱ ଦ୍ୱାରା ଦୁର୍ବଳ ହୋଇପଡିଥିବା ଦେଶବାସୀଙ୍କ ଜୀବନରେ ନୂତନ ସ୍ଫୂର୍ତ୍ତି ଭରି ଦେଇଥିଲା । 'ଆକାଶବାଣୀ ମନ୍ କି ବାତ' କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, 'ବନ୍ଦେ ମାତରମ୍'ର ଧ୍ୱନୀ ୧୪୦ କୋଟି ଭାରତୀୟଙ୍କ ମଧ୍ୟରେ ଏକତାର ଶକ୍ତି ଭରିଦିଏ। 'ବନ୍ଦେ ମାତରମ୍'ର ୧୫୦ତମ ପୂର୍ତ୍ତି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

**- V/O -**

ଓଡ଼ିଆ ଭାଷା, ସାହିତ୍ୟ ବିଭାଗ ପକ୍ଷରୁ 'ବନ୍ଦେ ମାତରମ୍'ର ୧୫୦ତମ ପୂର୍ତ୍ତି ପାଳନ କରିବା ପାଇଁ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଏହି ଅବସରରେ ସ୍କୁଲ ଓ କଲେଜରେ ଛାତ୍ରଛାତ୍ରୀ 'ବନ୍ଦେ ମାତରମ୍' ଗାନ କରିବେ।

English Pool

## ଇସି-ଏସ୍‌ଆଇଆର୍

ଭାରତୀୟ ନିର୍ବାଚନ ଆୟୋଗ ଆଜି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିବେ । ଏଥିରେ ୯ଟି ରାଜ୍ୟ ଏବଂ ୩ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ କରାଯିବ । ମୋଟ୍ ୫୧ କୋଟି ଭୋଟର ଏହି ପର୍ଯ୍ୟାୟରେ ସାମିଲ ହେବେ। ସୂଚନା ଅନୁଯାୟୀ ୨୦୨୬ ମସିହା ଫେବୃୟାରୀ ୭ ତାରିଖରେ ସଂଶୋଧନ ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ବିହାରରେ ଏହି ଅଭିଯାନ ଅଧୀନରେ ଗତ ସେପ୍ଟେମ୍ବର ୩୦ ତାରିଖରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ଭୋଟର ତାଲିକାରେ ୭ କୋଟି ୪୨ ଲକ୍ଷ ଭୋଟର ରହିଥିବା ଜଣାପଡ଼ିଛି । ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଦେଶ ସ୍ୱାଧୀନ ହେବା ପରେ ୨୦୦୨ରୁ ୨୦୦୪ ମଧ୍ୟରେ ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ଅନୁଷ୍ଠିତ ହୋଇଥିବା ବେଳେ ନବମଥର ପାଇଁ ଚଳିତ ବର୍ଷ ଏହି ଅଭିଯାନା କାର୍ଯ୍ୟକାରୀ କରାଯାଉଛି ।

BBSR/R

## ଇଣ୍ଡିଆନ୍ ରୋଡ୍ କଂଗ୍ରେସ

ଭାରତର ସଡ଼କ ଭିତ୍ତିଭୂମିକୁ ନେଇ ଆସନ୍ତା ଗୁରୁବାରଠାରୁ ଭୁବନେଶ୍ୱରର ଜନତା ମଇଦାନରେ ୮୪ତମ ଇଣ୍ଡିଆନ୍ ରୋଡ୍

କଂଗ୍ରେସର ସମ୍ମିଳନୀ ଆରମ୍ଭ ହେବ। ଏହାକୁ କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ୫ ଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ ସଡ଼କ ଭିତ୍ତିଭୂମି, ଉନ୍ନତିକରଣ ଓ ନୂଆ ଜ୍ଞାନକୌଶଳ ସମ୍ପର୍କରେ ଆଲୋଚନା କରାଯିବ। ଦେଶର ବିଭିନ୍ନ ସ୍ଥାନରେ ବିଶେଷଜ୍ଞ, ବୈଜ୍ଞାନିକ, ସଡ଼କ ଯନ୍ତ୍ରୀମାନେ ଅଧିବେଶନରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

Nuapada

## ଉପନିର୍ବାଚନ

**ନୂଆପଡ଼ା** ବିଧାନସଭା ଉପନିର୍ବାଚନକୁ ଆଉ ୭ ଦିନ ବାକି ଅଛି। ୩ ପ୍ରମୁଖ ରାଜନୈତିକ ଦଳ ସମେତ ଅନ୍ୟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନଙ୍କ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି। **ଭାରତୀୟ ଜନତା ପାର୍ଟି**ର ପ୍ରାର୍ଥୀ ଜୟ ଢ଼ୋଲକିଆ ଆଜି କୋମନା ବ୍ଲକର ଜଟଗଡ଼, ବୁଢ଼ିପାଲି, ସୁକଲିମୁଣ୍ଡି, ସଂଲଘିପଡ଼ା, ଟିକ୍ରାପଦା ଆଦି ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କରିଛନ୍ତି।

**ବିଜୁ ଜନତା ଦଳ**ର ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆଜି  ନୂଆପଡ଼ା ୯ ନମ୍ବର ଜିଲ୍ଲା ପରିଷଦ ଜୋନ୍‌ର କୁଳିଆବନ୍ଧା, ଭନପୁର, ବୀରୋମାଲ, ଜାମ୍‌ପାଣି ଓ ଗୋଡ଼ଫୁଲାଠାରେ ଦଳର ବରିଷ୍ଠ ନେତାଙ୍କ ସହ ପ୍ରଚାର ଜାରି ରଖିଛନ୍ତି।

**କଂଗ୍ରେସ** ପ୍ରାର୍ଥୀ ଘାସିରାମ ମାଝୀ କୋମନା ବ୍ଲକର ଟିକ୍ରାପଦାରେ ପ୍ରଚାର ଚଳାଇଛନ୍ତି।

Ganjam

## ମତ୍ସ୍ୟଜୀବୀ ଜନଗଣନା

କେନ୍ଦ୍ର ସରକାରଙ୍କ ପକ୍ଷରୁ ପଞ୍ଚମ ସାମୁଦ୍ରିକ ମତ୍ସ୍ୟଜୀବୀ ଜନଗଣନା ଗଞ୍ଜାମ ଜିଲ୍ଲାର ଚାରୋଟି ଉପକୂଳ ବ୍ଲକରେ ଆରମ୍ଭ ହୋଇଛି। ଗଣନା କାର୍ଯ୍ୟକୁ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଥମଥର ଲାଗି ବ୍ୟାସ୍ ମୋବାଇଲ ଆପ୍‌ର ବ୍ୟବହାର କରାଯାଉଛି। ଚିକିଟି, ରଙ୍ଗେଇଲୁଣ୍ଡା, ଛତ୍ରପୁର ଓ ଗଞ୍ଜାମ ବ୍ଲକର ୨୭ ଗୋଟି ସାମୁଦ୍ରିକ ମତ୍ସ୍ୟଜୀବୀ ଗାଁରେ ତାଲିମ ପ୍ରାପ୍ତ ଗଣନାକାରୀମାନେ ସର୍ଭେ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସର୍ଭେ ପରେ ମତ୍ସ୍ୟଜୀବୀଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରାଯାଇପାରିବ। ସୂଚନାଯୋଗ୍ୟ, ୨୦୧୬ ମସିହାରେ ସର୍ଭେ ରିପୋର୍ଟ ଅନୁଯାୟୀ, ଗଞ୍ଜାମ ଜିଲ୍ଲାରେ ୨୭ଟି ଗାଁରେ ମୋଟ୍ ୧୦ ହଜାର ୬୦ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାର ବସବାସ କରୁଥିଲେ। ଆସନ୍ତା ମାସ ୧୮ ତାରିଖ ପର୍ଯ୍ୟନ୍ତ ଏହି ସର୍ଭେ କାର୍ଯ୍ୟ ହେବ।

Puri/Subarnpur

## ଶ୍ରୀଜୀଉଙ୍କ ଡାଳିକିଆ ବେଶ

ପୁରୀ ଶ୍ରୀମନ୍ଦିରରେ ପଞ୍ଚକ ବ୍ରତ ପାଳନର ତୃତୀୟ ଦିବସରେ ଆଜି ଶ୍ରୀଜୀଉମାନେ ଶ୍ରଦ୍ଧାଳୁଙ୍କୁ ଲକ୍ଷ୍ମୀ-ନୃସିଂହ ବା ଡାଳିକିଆ ବେଶରେ ଦର୍ଶନ ଦେଉଛନ୍ତି। ଚତୁର୍ଦ୍ଦଶୀ ତିଥିରେ ଅବକାଶ ନୀତି ଶେଷ ହେବା ପରେ

ମହାପ୍ରଭୁ ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଛନ୍ତି। ଏହି ଦୁର୍ଲଭ ବେଶ ଦର୍ଶନ କଲେ ବୈକୁଣ୍ଠ ପ୍ରାପ୍ତିର ସୌଭାଗ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏକାଦଶୀ ତିଥିଠାରୁ ପଞ୍ଚୁକ ଆରମ୍ଭ ହୋଇଥିବା ବେଳେ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼ ବୃଦ୍ଧି ପାଇବାରେ ଲାଗିଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଚଳିତବର୍ଷ ଦ୍ୱାଦଶୀ ତିଥି କ୍ଷୟ ହୋଇଥିବା ହେତୁ ଠାକୁରଙ୍କର ବାଙ୍କଚୂଡା ବେଶ ଅନୁଷ୍ଠିତ ହେବନାହିଁ । ଆସନ୍ତାକାଲି କାର୍ତ୍ତିକ ବ୍ରତର ଅନ୍ତିମ ଦିନରେ ମହୋଦଧି ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ବୋଇତ ଭସାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କର ରାଜରାଜେଶ୍ୱର ବେଶ ବା ସୁନାବେଶ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ, ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟାବସ୍ଥା ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ କହିଛନ୍ତି...

**V/O**

ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରେଳବାଇ ବିଭାଗ ପକ୍ଷରୁ ପୁରୀ ଶ୍ରୀକ୍ଷେତ୍ରକୁ ତିନୋଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଗୋଟିଏ ଟ୍ରେନ୍ ବ୍ରହ୍ମପୁରରୁ ପୁରୀ ଅନ୍ୟ ଦୁଇଟି ପୁରୀରୁ ବ୍ରହ୍ମପୁରକୁ ଚାଲିବ।

ସୁବର୍ଣ୍ଣପୁର ଜିଲ୍ଲାର ପାତାଳୀ ଶ୍ରୀକ୍ଷେତ୍ରଠାରେ ଆଜି ଶ୍ରୀଜୀଉଙ୍କୁ ଲକ୍ଷ୍ମୀନୃସିଂହ ବେଶ ବା ଡାଳିକିଆ ବେଶରେ ସଜ୍ଜିତ କରାଯାଇଛି। ପ୍ରତ୍ୟୁଷରୁ ଅବକାଶ ଓ ସକାଳଧୂପ ପରେ ଏହି ବେଶ ଅନୁଷ୍ଠିତ

ହୋଇଥିଲା। ଆସନ୍ତାକାଲି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଠାକୁରମାନଙ୍କୁ ରାଜରାଜେଶ୍ୱରୀ ବେଶରେ ଭୂଷିତ କରାଯିବ।

BHK/CTC

# ଧବଳେଶ୍ୱର

ପବିତ୍ର କାର୍ତ୍ତିକ ମାସ ଶୁକ୍ଲପକ୍ଷ ଚତୁର୍ଦ୍ଦଶୀ ତିଥିରେ ଆଜି କଟକ ଜିଲ୍ଲାର ଆଠଗଡ଼ସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ ବଡ଼ ଓଷା ନୀତି ସମ୍ପନ୍ନ ହୋଇଛି। ପୀଠରେ ବିଳମ୍ବିତ ରାତିରେ ଗଜଭୋଗ ଓ ତରଣ ଲାଗି ହୋଇଥିଲା । ବାବା ଧବଳେଶ୍ୱର ଆଜି ହରିହର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

ଭଦ୍ରକ ଜିଲ୍ଲା ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ପଞ୍ଚାନନ ଦିଗମ୍ବର ବେଶ ଅନୁଷ୍ଠିତ ହୋଇଛି। ଆସନ୍ତାକାଲି ହରଗୌରୀ ବେଶରେ ବାବା ମଣି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଆସନ୍ତାକାଲି ପ୍ରତ୍ୟୁଷରୁ ବିଭିନ୍ନ ନଦୀତଟ ଏବଂ ପୁଷ୍କରିଣୀରେ ଡଙ୍ଗା ଭସାଣ କରାଯିବ।

Desk

# ବୋଇତବନ୍ଦାଣ କାର୍ଯ୍ୟକ୍ରମ

କାର୍ତ୍ତିକ ପୂର୍ଣ୍ଣମୀ ପାଳନ ଅବସରରେ ଆସନ୍ତାକାଲି ସକାଳୁ କଟକ ମହାନଦୀ କୂଳରେ ଆଳତୀ, କୀର୍ତ୍ତନ ସହ ବୋଇତବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଶାଳପତ୍ରରେ ନିର୍ମିତ ଡଙ୍ଗା ଭସାଇବାକୁ ପ୍ରଶାସନ ପକ୍ଷରୁ

ପଦକ୍ଷେପ ଗ୍ରହଣ କରାଯାଇଛି । ଓର୍‌ମାସର ବିଭିନ୍ନ ସ୍ୱେଚ୍ଛାସେବୀ ତଥା ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ଶାଳପତ୍ରରେ ୨୦ହଜାରରୁ ଊର୍ଦ୍ଧ୍ୱ ଡଙ୍ଗା ତିଆରି କରାଯାଇଛି ।

Nayagarh

## ନୃସିଂହ ଅବତାର ବେଶ

ନୟାଗଡ଼ ଜିଲ୍ଲା କଣ୍ଟିଲୋ ଶ୍ରୀନୀଳମାଧବଜୀଉଙ୍କ ମନ୍ଦିରରେ କାର୍ତ୍ତିକ ଶୁକ୍ଳ ବୈକୁଣ୍ଠ ଚତୁର୍ଦ୍ଦଶୀ ନୀତିରେ ଶ୍ରୀନୀଳମାଧବ କାଞ୍ଚି ଅଭିଯାନ ଓ ନୃସିଂହ ଅବତାର ବେଶରେ  ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି । ପ୍ରତ୍ୟୁଷରୁ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳାତୀ, ମଇଲମ, ତଡ଼ପଲାଗି ଓ ଅବକାଶ ନୀତି ସମ୍ପନ୍ନ ହେବା ସହ ପାରମ୍ପରିକ ନୀତି ଅନୁଷ୍ଠିତ ହୋଇଥିଲା । ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

BBSR/R

## ଇଣ୍ଡିଆନ୍ ରୋଡ୍ କଂଗ୍ରେସ

ଭାରତର ସଡ଼କ ଭିତ୍ତିଭୂମିକୁ ନେଇ ଆସନ୍ତା ଗୁରୁବାରଠାରୁ ଭୁବନେଶ୍ୱରର ଜନତା ମଇଦାନରେ ୮୪ତମ ଇଣ୍ଡିଆନ୍ ରୋଡ୍ କଂଗ୍ରେସର ସମ୍ମିଳନୀ ଆରମ୍ଭ ହେବ । ଏହାକୁ କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ୫ ଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ ସଡ଼କ ଭିତ୍ତିଭୂମି, ଉନ୍ନତିକରଣ ଓ ନୂଆ ଜ୍ଞାନକୌଶଳ ସମ୍ପର୍କରେ ଆଲୋଚନା କରାଯିବ ।

ଦେଶର ବିଭିନ୍ନ ସ୍ଥାନରେ ବିଶେଷଜ୍ଞ, ବୈଜ୍ଞାନିକ, ସଡ଼କ ଯନ୍ତ୍ରୀମାନେ ଅଧିବେଶନରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

Desk

# ବାଲିଯାତ୍ରା

ପ୍ରାଚୀନ କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର  ସ୍ୱାକ୍ଷର ବହନ କରୁଥିବା ବାଲିଯାତ୍ରାର ଗୌରବମୟ ଇତିହାସକୁ ପରବର୍ତ୍ତୀ ପିଢ଼ିଙ୍କ ନିକଟରେ ଉଜ୍ଜୀବିତ କରିବା ଲକ୍ଷ୍ୟ ନେଇ ଆସନ୍ତାକାଲିଠାରୁ ଐତିହାସିକ କଟକ ବାଲିଯାତ୍ରା ଆରମ୍ଭ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ । ଐତିହ୍ୟ, କଳା, ସଂସ୍କୃତି, ମନୋରଞ୍ଜନ, ଖାଦ୍ୟ, ହସ୍ତଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟର ଏହି ଉତ୍ସବକୁ ଆନୁଷ୍ଠାନିକ ଶୁଭାରମ୍ଭ କରିବେ । ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସୁଶ୍ରୀ ଇନା ଏଚ୍ କୃଷ୍ଣମୂର୍ତ୍ତି ଚଳିତଥର ସମ୍ମାନିତ ଅତିଥି ଭାବେ ଯୋଗ ଦେଉଛନ୍ତି । ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଦେଶ ବିଦେଶରୁ ଦର୍ଶକଙ୍କ ସମାଗମ ପରିଲକ୍ଷିତ ହେବ । ପ୍ରତ୍ୟେକ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ଏବଂ ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ସୁନାମ ଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶ କରାଯିବ । ଆସନ୍ତା ଶୁକ୍ରବାର ଦିନ ଗଣକବି ବୈଷ୍ଣବପାଣି ମଞ୍ଚରେ ଚଳିତ ବର୍ଷ କଟକ ନାଟ୍ୟ ଉତ୍ସବ-

୨୦୨୫ର ଶ୍ରେଷ୍ଠ ନାଟକ 'କଳାନନ୍ଦିନୀ' ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯିବ।

ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟମକୁ କଡ଼ାକଡ଼ି କରାଯିବା ସହ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ପୁଲିସ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି ।